# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 28th August – 2026

***************************************

## ମୁଖ୍ୟ ସମ୍ବାଦ

- ଧାର୍ଯ୍ୟଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ 'ଲକ୍ଷପତି ଦିଦି' ସୃଷ୍ଟି କରି ଓଡ଼ିଶା ଦେଶରେ ପ୍ରଥମ ସ୍ଥାନ ହାସଲ କରିଛି; କହିଲେ ମୁଖ୍ୟମନ୍ତ୍ରୀ ।

— ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତିରେ ୧ କୋଟି ୩ ଲକ୍ଷ ୨୬ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୫ ହଜାର କୋଟିରୁ ଅଧିକ ଟଙ୍କାର ସହାୟତା ପ୍ରଦାନ ।

— ନୟାଗଡ଼ ଚିନି କାରଖାନା ଓ ନୃଓଙ୍ଗ ଜଳସେଚନର କାର୍ଯ୍ୟକାରିତା ନେଇ ଘୋଷଣା ।

- ପୁରୀ ଶ୍ରୀମନ୍ଦିରରେ ଗହ୍ମାପୂର୍ଣ୍ଣିମା ଅବସରରେ ମହାପ୍ରଭୁଙ୍କୁ ରାକ୍ଷୀ ଲାଗି ନୀତି ଶେଷ ସହିତ ପ୍ରଭୁ ବଳଭଦ୍ରଙ୍କ ଜନ୍ମନୀତି ଆଉ କିଛି ସମୟ ପରେ ହେବ ଆରମ୍ଭ ।

ଏବଂ

- ଭାରତର ପ୍ରାଚୀନ ଓ ସମୃଦ୍ଧ ଭାଷା ସଂସ୍କୃତିର ଗୌରବକୁ ସ୍ମରଣ କରିବାପାଇଁ ଶ୍ରାବଣ ପୂର୍ଣ୍ଣିମା ତିଥିରେ ଆଜି ପାଳିତ ହେଉଛି ବିଶ୍ୱ ସଂସ୍କୃତ ଦିବସ ।

***Desk, Nayagarh/R***

## ମୁଖ୍ୟମନ୍ତ୍ରୀ – ଲକ୍ଷପତି/ସୁଭଦ୍ରା

ରାଜ୍ୟ ସରକାର ମହିଳାମାନଙ୍କର ଆର୍ଥିକ ସମୃଦ୍ଧି ଦିଗରେ ଲକ୍ଷପତି ଦିଦି ସୃଷ୍ଟି କରି ଜାତୀୟ ସ୍ତରରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଧାର୍ଯ୍ୟ ଲକ୍ଷ୍ୟ ପୂର୍ବରୁ ୨୭ ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରି ଓଡ଼ିଶା ପ୍ରଥମ ସ୍ଥାନରେ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ନୟାଗଡ଼ଠାରେ ଆୟୋଜିତ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ ଅବସରରେ ସୂଚନା ଦେଇଛନ୍ତି । ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବାପାଇଁ ସରକାରଙ୍କର ପକ୍ଷରୁ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଦକ୍ଷତା ପ୍ରଶିକ୍ଷଣ, ବଜାର ସଂଯୋଗ, ମାର୍ଗଦର୍ଶନ ଆଦି ପ୍ରଦାନ କରାଯାଉଛି ।

***Voice (CM - Lakhpati didi)*** :........

ସୁଭଦ୍ରା ଯୋଜନାର ଆର୍ଥିକ ବିତରଣ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ୧ କୋଟି ୩ ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କ ଜମାଖାତାକୁ ୫ ହଜାର ୧୬୩ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ପ୍ରଦାନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ସରକାରଙ୍କ ତରଫରୁ ମହିଳାମାନଙ୍କୁ ସାମାଜିକ, ଆର୍ଥିକ ଓ ରାଜନୈତିକ ସ୍ତରରେ ସଶକ୍ତ କରିବାପାଇଁ ଉଦ୍ୟମ ଜାରି ରହିଛି । ଶ୍ରୀ ମାଝୀ କହିଛନ୍ତି, ସୁଭଦ୍ରା ଯୋଜନାରେ ସହାୟତା ପାଉଥିବା ୮୭ ପ୍ରତିଶତରୁ ଅଧିକ ହିତାଧିକାରୀ ଉଚିତ ମାର୍ଗରେ ପ୍ରୋତ୍ସାହନ ରାଶିକୁ ଖର୍ଚ୍ଚକରି ସେମାନଙ୍କର ଆର୍ଥିକ ସୁରକ୍ଷା,

ବ୍ୟବସାୟ ଓ ବିକାଶ କାର୍ଯ୍ୟରେ ବିନିଯୋଗ କରିଛନ୍ତି । ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନା ହେଉଛି ନାରୀ ସଶକ୍ତୀକରଣର ପ୍ରତୀକ ।

***Voice (CM - Subhadra)*** :........

କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ' ତାଙ୍କ ବକ୍ତବ୍ୟରେ କହିଛନ୍ତି, ନୟାଗଡ଼ର ଇଂରାଜୀ ବନାନକୁ ସଂଶୋଧନ କରି ନୟାଗଡ଼ ଜିଲ୍ଲାର ସ୍ୱାଭିମାନ ଓ ଅସ୍ମିତାକୁ ରାଜ୍ୟ ସରକାର ସୁରକ୍ଷିତ ରଖିଛନ୍ତି ।

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ତାଙ୍କର ଅଭିଭାଷଣରେ କହିଛନ୍ତି, ସୁଭଦ୍ରା ଯୋଜନା ମହିଳାମାନଙ୍କୁ ନିଜସ୍ୱ ନିଷ୍ପତ୍ତି ଏବଂ ଉଦ୍ୟୋଗୀ ହେବାପାଇଁ ସୁଯୋଗ ପ୍ରଦାନ କରିଛି ।

ପୁରୀ ସାଂସଦ ଡାକ୍ତର ସମ୍ବିତ ପାତ୍ର, କନ୍ଧମାଳ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସରକାରଙ୍କର ମହିଳା ସଶକ୍ତୀକରଣ ଯୋଜନା ଓ ଲକ୍ଷପତି ଦିଦି ସୃଷ୍ଟି କରିବାରେ ସଫଳତା ସମ୍ପର୍କରେ ଆଲୋକପାତ କରିଥିଲେ ।

***Desk, Baragada, Rayagadal Kendrapada,***
***Nuapada, Sambalpur/R***

# ସୁଭଦ୍ରା ଯୋଜନା

ରାଜ୍ୟସ୍ତରୀୟ ସୁଭଦ୍ରା ଯୋଜନାରେ ହିତାଧିକାରୀମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ ସହିତ ଜିଲ୍ଲାସ୍ତରରେ ଆୟୋଜିତ ଅର୍ଥରାଶି ବିତରଣ କାର୍ଯ୍ୟକ୍ରମ ସମ୍ପର୍କିତ ସମ୍ବାଦ ଆମର ହସ୍ତଗତ ହୋଇଛି ।

ନୟାଗଡ଼ ଜିଲ୍ଲାରେ ୨ ଲକ୍ଷ ୩୩ ହଜାର ୫୮୫ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପଞ୍ଚମ କିସ୍ତିରେ ୧୧୬ କୋଟି ୮୦ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି । ଏହି ଅବସରରେ ଉପସ୍ଥିତ ମହିଳାମାନଙ୍କୁ ସମ୍ବୋଧନ କରି ଶ୍ରୀ ମାଝୀ କହିଛନ୍ତି, କେନ୍ଦ୍ର ସରକାରଙ୍କ ସହଯୋଗରେ ଶୀଘ୍ର ନୟାଗଡ଼ ଚିନିକଳ ପୁନଃ କାର୍ଯ୍ୟକ୍ଷମ ସହିତ ନୃଓଙ୍ଗ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହେବ ।

ରାୟଗଡ଼ା ବିଜୁ ପଟ୍ଟନାୟକ ଅଡିଟୋରିୟମ୍‌ଠାରେ ଆୟୋଜିତ ଜିଲ୍ଲାସ୍ତରୀୟ ସୁଭଦ୍ରା ଆର୍ଥିକ ସହାୟତା ବିତରଣ କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି, ସୁଭଦ୍ରା ଯୋଜନାରେ ଜିଲ୍ଲାର ୨ ଲକ୍ଷ ୨୭ ହଜାର ୨୬ ଜଣ ଅନ୍ତର୍ଭୁକ୍ତ ଅଛନ୍ତି । ସେମାନଙ୍କ ମଧ୍ୟରୁ ୪ ହଜାର ୨୮୦ ଜଣ ପ୍ରଥମ ଥରପାଇଁ ଯୋଜନାରେ ସାମିଲ୍ ହୋଇଛନ୍ତି ।

ରାକ୍ଷୀ ପୂର୍ଣ୍ଣିମା ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାର ୩ ଲକ୍ଷ ୮୦ ହଜାରରୁ ଉର୍ଦ୍ଧ୍ୱ ସୁଭଦ୍ରା ହିତାଧିକାରୀଙ୍କୁ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିବା ସରକାରୀ ସୂତ୍ରକୁ ଉଦ୍ଧାର କରି ଆମ ସମ୍ବାଦଦାତା କହିଛନ୍ତି ।

ସମ୍ବଲପୁର ଜଲ୍ଲା ସଦର ମହକୁମା ତପସ୍ୱିନୀ ପ୍ରେକ୍ଷାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଯୋଗ ଦେଇଥିଲେ । ଜିଲ୍ଲାର ୨ ଲକ୍ଷ ୪୧ ହଜାରରୁ ଉର୍ଦ୍ଧ୍ୱ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତି ବଣ୍ଟନ କରାଯାଇଛି । ଏହି ଅବସରରେ ଶ୍ରୀ ନାୟକ କହିଛନ୍ତି, ଶାଳ ମଞ୍ଜିରୁ ତେଲ, ମହୁଲ ମଞ୍ଜିରୁ କୋକୋ ତିଆରି ହେବା ନେଇ

ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି । ଆଗାମୀ ଦିନରେ ଜିଲ୍ଲାର ୫ ହଜାର ମହିଳାଙ୍କୁ ମାଗଣା ସିଲାଇ ତାଲିମ ଦିଆଯିବ ବୋଲି ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି ।

ସୁଭଦ୍ରା ଯୋଜନାର ପଞ୍ଚମ କିସ୍ତିରେ ନୂଆପଡ଼ା ଜିଲ୍ଲାର ୧ ଲକ୍ଷ ୬୭ ହଜାର ୯୪ ଜଣ ହିତାଧିକାରୀଙ୍କୁ ୮୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ପ୍ରଦାନ କରାଯାଇଥିବା ଜଣାପଡ଼ିଛି । ସଦର ମହକୁମା ବହୁମୁଖୀ ହଲ୍‌ଠାରେ ଅନୁଷ୍ଠିତ ସୁଭଦ୍ରା ଶକ୍ତି ଯୋଜନାର ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ବିଧାୟକ ଜୟ ଢୋଲକିଆ ଉପସ୍ଥିତ ଥିଲେ ।

ବରଗଡ଼ ଯଦୁମଣି ଅଡିଟୋରିଅମଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାହିତ୍ୟ ଓ ସଂସ୍କୃତି ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଯ, ବିଜେପୁର ବିଧାୟକ ସନତ କୁମାର ଗଡ଼ତିଆ, ବରଗଡ଼ ବିଧାୟକ ଅଶ୍ୱିନୀ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କର ଏହି ମହତ୍ତ୍ୱାକାଂକ୍ଷୀ ଯୋଜନା ବିଷୟରେ ଆଲୋକପାତ କରିଥିଲେ । ଜିଲ୍ଲାର ପଞ୍ଚମ କିସ୍ତିରେ ୩ ଲକ୍ଷ ୭୫ ହଜାରରୁ ଊର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଥିବା ସରକାରୀ ସୂତ୍ରକୁ ଉଦ୍ଧାର କରି ଆମ ସମ୍ବାଦଦାତା ଜଣାଇଛନ୍ତି ।

***Desk***

## ସଂସ୍କୃତ ଦିବସ

ଭାରତର ପ୍ରାଚୀନ ଓ ସମୃଦ୍ଧ ଭାଷା-ସଂସ୍କୃତିର ଗୌରବ, ମହତ୍ତ୍ୱ ଓ ଐତିହ୍ୟକୁ ସ୍ମରଣ କରିବାପାଇଁ ପ୍ରତିବର୍ଷ ଶ୍ରାବଣ ପୂର୍ଣ୍ଣିମାକୁ ବିଶ୍ୱ ସଂସ୍କୃତ ଦିବସ ଭାବେ ପାଳନ କରାଯାଇଥାଏ । ସଂସ୍କୃତ ଭାଷାକୁ ଭାରତୀୟ ଜ୍ଞାନ ଓ ସଂସ୍କୃତିର ମୁଖ୍ୟ ଆଧାର ଭାବେ ବିବେଚନ କରାଯାଏ । ବେଦ, ଉପନିଷଦ, ରାମାୟଣ, ମହାଭାରତ, ପୁରାଣ, ଦର୍ଶନ, ଆୟୁର୍ବେଦ ଓ ବିଭିନ୍ନ ଶାସ୍ତ୍ରୀୟ ଗ୍ରନ୍ଥ ସଂସ୍କୃତ ଭାଷାରେ ରଚନା କରାଯାଇଛି । ଏହି ଭାଷା ଭାରତର ପ୍ରାଚୀନ ଜ୍ଞାନ ପରମ୍ପରାକୁ ସଂରକ୍ଷଣ କରିବା ସହ ଭାରତୀୟ ସାହିତ୍ୟ, ଦର୍ଶନ, ବିଜ୍ଞାନ ଓ କଳାର ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ।

ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ କହିଛନ୍ତି, ସଂସ୍କୃତ ଭାରତର ଜ୍ଞାନ, ଦର୍ଶନ ଓ ସଭ୍ୟତାର ଏକ ଚିରନ୍ତନ ଭାଷା । ସଂସ୍କତର ଅମୂଲ୍ୟ ଐତିହ୍ୟର ସଂରକ୍ଷଣ, ପ୍ରଚାର ଓ ପ୍ରସାର ପାଇଁ ସମସ୍ତେ ଆଗେଇ ଆସିବାକୁ ଉପରାଷ୍ଟ୍ରପତି ଆହ୍ୱାନ ଦେଇଛନ୍ତି ।

ସଂସ୍କୃତ ଭାରତର ଜ୍ଞାନ, ଚିନ୍ତନ ଓ ସୃଜନଶୀଳତାର ଏକ ନିରନ୍ତର ବାହକ ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି । ଦେଶ ଓ ବିଦେଶରେ ସଂସ୍କୃତ ଶିକ୍ଷା ଓ ଶିକ୍ଷାଦାନ ସହ ଜଡ଼ିତ ଏବଂ ଏହାର ଚିରନ୍ତନ ଜ୍ଞାନଭଣ୍ଡାରକୁ ଭବିଷ୍ୟତ ପିଢ଼ି ପର୍ଯ୍ୟନ୍ତ ପହଞ୍ଚାଇବାପାଇଁ କାର୍ଯ୍ୟରତ ସମସ୍ତଙ୍କୁ ପ୍ରଧାନମନ୍ତ୍ରୀ ପ୍ରଶଂସା କରିଛନ୍ତି ।

ରାଜ୍ୟପାଳ ଡକ୍ଟର ହରିବାବୁ କମ୍ଭମ୍ ପାଟି କହିଛନ୍ତି, ସଂସ୍କୃତ ଭାରତ ପ୍ରାଚୀନ ଜ୍ଞାନ ପରମ୍ପରା, ଦର୍ଶନ, ସାହିତ୍ୟ ଓ ସଂସ୍କୃତିର ସମୃଦ୍ଧ ପୃଷ୍ଠପୋଷକତା ଗ୍ରହଣ କରେ । ଏହାର ଶାଶ୍ୱତ ବିଚାରଧାରା ଏବଂ

ବୈଜ୍ଞାନିକ ଦୃଷ୍ଟିକୋଣ ଆଜି ମଧ୍ୟ ମାନବ ସଭ୍ୟତାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରକୁଛି ।

***Sambalpur/R***

## ଗଙ୍ଗାଧର ଜୟନ୍ତୀ

ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଆଜି ଜନ୍ମଦିନରେ ରାଜ୍ୟବାସୀ ତାଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ୧୮୬୨ ମସିହା ଶ୍ରାବଣ ପୂର୍ଣ୍ଣମୀ ଦିନରେ ଏହି ଯୋଗଜନ୍ମା କବି ଅବିଭକ୍ତ ସମ୍ବଲପୁର ଜିଲ୍ଲାର ବରପାଲିଠାରେ ଜନ୍ମଗ୍ରହଣ କରିଥିଲେ । ଆଲୋକ ଏବଂ ଅମୃତର କବି କୁହାଯାଉଥିବା ଗଙ୍ଗାଧର ମେହେରଙ୍କର ତପସ୍ୱିନୀ, ପ୍ରଣୟବଲ୍ଲୀରୀ, ଇନ୍ଦୁମତୀ, କୀଚକବଧ ଏବଂ ଅର୍ଘ୍ୟଥାଳି କାବ୍ୟଗ୍ରନ୍ଥ ତାଙ୍କର ସାରସ୍ୱତ ସାଧନାର ଅମର ସୃଷ୍ଟି । ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ପରିସରରେ ଆଜି ଆୟୋଜିତ ସ୍ୱଭାବ କବିଙ୍କ ଜୟନ୍ତୀ ଅବସରରେ ପୁରୀ ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସତ୍ୟନାରାୟଣ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ କବିରଙ୍କର କାଳଜୟୀ ରଚନା ଉପରେ ଆଲୋଚନା କରିଥିଲେ ।

***Met. O.***

# ପାଣିପାଗ

ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ବାଲେଶ୍ୱର, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କୋରାପୁଟ, ମାଲକାନଗିରି, ପୁରୀ, ନୟାଗଡ଼ ଓ ଖୋର୍ଦ୍ଧା ଜିଲ୍ଲାରେ ବର୍ଷା ହେବା ନେଇ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରେ ୪୪ ଦଶମିକ ୮ ମିଲିମିଟର ବର୍ଷା ରେକର୍ଡ଼ କରାଯାଇଛି ।

ପାଣିପାଗ ବିଭାଗର ସୂଚନା ଅନୁସାରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି ।

******